# ମନୋଜ ଦାସଙ୍କ ଶ୍ରେଷ୍ଠ ଗଳ୍ପ

ଉଭୟ ଓଡ଼ିଆ ଓ ଇଂରାଜୀରେ ଗଳ୍ପ ରଚନା କରି ଓଡ଼ିଶା ଓ ଓଡ଼ିଶା ବାହାରେ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଜଣେ ଶ୍ରେଷ୍ଠ ଗାଳ୍ପିକ ଭାବରେ ମନୋଜ ଦାସ ଯେଉଁ ସମ୍ମାନିତ ଆସନର ଅଧିକାରୀ- ତାହା ତାଙ୍କର ଶ୍ରଦ୍ଧାଶୀଳ ପାଠକ ବୃନ୍ଦ ଅନୁଭବ କରିପାରିଛନ୍ତି। ବର୍ତ୍ତମାନ ମନୋଜ ଏଭଳି ମୌଳିକ ଗଳ୍ପ ରଚନାରୁ କ୍ଷାନ୍ତ। କାରଣ ଦର୍ଶାଇବାକୁ ଯାଇ ସେ କହିଛନ୍ତି ଯେ ଯେଉଁ ପ୍ରେରଣା ବଳରେ ସେ ଗଳ୍ପ ରଚନା ଆରମ୍ଭ କରିଥିଲେ ତାହା ସମ୍ପ୍ରତି ଅନ୍ତର୍ହିତ। ତେଣୁ ସେଥିପାଇଁ ମନୋଜଙ୍କ ମନରେ କୌଣସି ଅବସୋସ ଆଦୌ ନାହିଁ। ତା'ର କାରଣ ହେଉଛି ଯେ ସେ ଉପନ୍ୟାସ ରଚନା, ବ୍ୟକ୍ତିଗତ ଅନୁଭୂତି ସମ୍ବଳିତ ଲେଖା, ଭ୍ରମଣ କାହାଣୀ ଓ ଆଧ୍ୟାତ୍ମିକ ରଚନା ପ୍ରଭୃତି ପାଇଁ ଯେଉଁ ଅନ୍ତଃପ୍ରେରଣା ଅନୁଭବ କରୁଛନ୍ତି ତାହା ତାଙ୍କ ସୃଜନଶୀଳତାର ଆଉ ଏକ ବୈଚିତ୍ର୍ୟ ମଣ୍ଡିତ ଅଭିବ୍ୟକ୍ତି। ମନୋଜ କିଛି କମ୍ ଗଳ୍ପ ଲେଖିନାହାନ୍ତି। ଏକଦା ଗଳ୍ପରଚନାର ସାର୍ଥକତା ଉପରେ ଆଲୋକପାତ କରିବାକୁ ଯାଇ ସେ କହିଥିଲେ ଯେ – ଜଣକର ସୃଜନକ୍ଷମ ଅନ୍ତଃସତ୍ତାର ଯଥାର୍ଥ ପରିଚୟ ମିଳିଯାଇପାରେ ଅଧ ଡଜନ ଗଳ୍ପ ସୃଷ୍ଟି କରିଥିଲେ ମଧ୍ୟ।

ମନୋଜଙ୍କ ବହୁଗଳ୍ପ ଲୋକପ୍ରିୟତାର ଶୀର୍ଷ ସୀମାକୁ ସ୍ପର୍ଶ କରିପାରିଛି। ତାଙ୍କ ଦ୍ୱାରା ରଚିତ 'ଅପହୃତ ଟୋପିର ରହସ୍ୟ', 'ଶେଷ ବସନ୍ତ ଚିଠି', 'ଧୂମ୍ରାଭ ଦିଗନ୍ତ', 'ଓଟ', 'ରବିବାସରୀୟ ସଙ୍ଗୀତ' ଆଦି ସହ 'ଲକ୍ଷ୍ମୀର ଅଭିସାର' କୁ ଶ୍ରେଷ୍ଠ ଗଳ୍ପର ସମ୍ମାନ ପ୍ରାପ୍ତ ହୋଇସାରିଛି। ତେବେ ଯଦି ଆମକୁ ପ୍ରଶ୍ନ କରାଯାଏ ମନୋଜ ଦାସଙ୍କ ଶ୍ରେଷ୍ଠତମ ଗଳ୍ପସୃଷ୍ଟିଟି କ'ଣ – ତହିଁର ଉତ୍ତର ଦେବାପାଇଁ ଜଣେ ପାଠକ ବା ଆଲୋଚକ ଯେତେବେଳେ ଦ୍ୱନ୍ଦ୍ୱାକ୍ରାନ୍ତ ହୁଏ, ସେତେବେଳେ ଏହି 'ଲକ୍ଷ୍ମୀର ଅଭିସାର' ଗଳ୍ପଟିର ଆବେଦନ ତା'ର ହୃଦୟକୁ ବିଗଳିତ କରିଦିଏ ଓ ସେ ଏ ଗଳ୍ପର ନାମୋଚ୍ଚାରଣ କରି ଉକ୍ତ ପ୍ରଶ୍ନର ଉତ୍ତର ପ୍ରଦାନ କରନ୍ତି ପ୍ରଭାବଦୀପ୍ତ କଣ୍ଠରେ ଆଉ 'ଲକ୍ଷ୍ମୀର ଅଭିସାର' ଗଳ୍ପଟିକୁ ହିଁ ତାଙ୍କ ଗଳ୍ପ ସୃଜନ ମଧ୍ୟରେ ଦେଇଥାନ୍ତି ଉଚ୍ଚତମ ଆସନ।

ମନୋଜ ଯେତେବେଳେ ଗଳ୍ପ ରଚନାରେ ଅପରିପକ୍ୱ ବୟସରେ ଦେଇଥିଲେ ହାତ, ସେତେବେଳେ ଉଚ୍ଚମାନର ଗଳ୍ପ ସୃଷ୍ଟି କରି ପାଠକଙ୍କ ଭିତରେ ଯେଉଁ ଚମକ ଆନୟନ କରିପାରିଥିଲେ ତାହା ଏକାନ୍ତ ସ୍ମରଣଯୋଗ୍ୟ । ତେବେ ପରବର୍ତ୍ତୀ ସମୟରେ ସେ ନିଜେ ସ୍ୱୀକାର କରିଛନ୍ତି ଯେ ତାଙ୍କ ଦ୍ୱାରା ଲେଖା ହୋଇଥିବା ଏହି କଞ୍ଚା ବୟସର ଗଳ୍ପରେ ତାଙ୍କ ପ୍ରଜ୍ଞାଲୋକର ପ୍ରକାଶ ଯଥାର୍ଥ ଭାବରେ ପ୍ରକାଶିତ ହୋଇପାରିନାହିଁ । ତାଙ୍କ ଚେତନାରେ ଯେଉଁ ଉଲ୍ଲେଖନୀୟ ପରିବର୍ତ୍ତନ ସଂଘଟିତ ହୋଇଛି ଓ ତାଙ୍କର ଆଶାବାଦୀ ଆସ୍ଥାଶୀଳତା ଯେପରି ପ୍ରକାଶିତ ହୋଇଛି ତାହା ହିଁ ହେଉଛି ତାଙ୍କର ଯଥାର୍ଥ ପରିଚୟ । ଏ ଦୃଷ୍ଟିରୁ ଯଦି ଆମେ ବିଚାର କରିପାରିବା ସୁସ୍ଥ ମନରେ, ତାହା ହେଲେ 'ଲକ୍ଷ୍ମୀର ଅଭିସାର' ଗଳ୍ପଟି ଯେ ତାଙ୍କ ଶ୍ରେଷ୍ଠ ଗଳ୍ପର ମର୍ଯ୍ୟାଦା ଲାଭ କରିବାକୁ ହକ୍‌ଦାର ଏକଥା ନିଃସନ୍ଦିଗ୍ଧ ମନରେ ନିଶ୍ଚୟ ସ୍ୱୀକାର କରିପାରିବା । ଜୀବନକୁ ଯେଉଁ ଦୃଷ୍ଟିକୋଣ ନେଇ ମନୋଜ ଅବଲୋକନ କରିଛନ୍ତି ଓ ପାଠକ ଭିତରେ ଯେଉଁ ବିଶ୍ୱାସ ଭରିଦେବା ପାଇଁ ସେ ସାଧନା ନିମଗ୍ନ ହୋଇଛନ୍ତି ତାହା ସ୍ୱତଃ ପ୍ରତିପାଦନ କରଦିଏ 'ଲକ୍ଷ୍ମୀର ଅଭିସାର' ଗଳ୍ପଟି ତାଙ୍କର ଶ୍ରେଷ୍ଠ ଗଳ୍ପ ଭାବରେ ନିଶ୍ଚୟ ଗ୍ରହଣ କରାଯାଇପାରିବ ।

ଜଣେ ସାହିତ୍ୟ ସ୍ରଷ୍ଟା ନିଜର ସେହି ସୃଷ୍ଟିକୁ ଶ୍ରେଷ୍ଠ ବୋଲି କହିପାରେ ଯେଉଁଠି ତା'ର ଜୀବନଦର୍ଶନର ସତ୍ୟ ପ୍ରଭାବଶାଳୀ ଭାବରେ ପ୍ରକଟିତ ହୋଇପାରିଛି । ମନୋଜଙ୍କ ସମସ୍ତ ଗଳ୍ପର ସାରନିର୍ଯ୍ୟାସ ଯଦି ଚିପୁଡ଼ି ଦିଆଯାଏ ତା' ହେଲେ ତାହା କ'ଣ 'ଲକ୍ଷ୍ମୀର ଅଭିସାର' ପୁସ୍ତକରେ ଓ ନିର୍ଦ୍ଦିଷ୍ଟ ଭାବରେ 'ଲକ୍ଷ୍ମୀର ଅଭିସାର' ଗଳ୍ପରେ ଭରିରହିଛି ବୋଲି ମର୍ମଜ୍ଞ ପାଠକଟିଏ ଅନୁଭବ କରିପାରିବ ନାହିଁ ? ଏଠି ମନୋଜ ଯେଉଁ ଅଶ୍ରୁତର୍ପଣ ଓ ରକ୍ତତର୍ପଣ କରିଛନ୍ତି ତାହା ହେଉଛି ସବୁଠାରୁ ଅଧିକ ଉଲ୍ଲେଖନୀୟ । ଗଳ୍ପଟିଏ ଲେଖିବାବେଳେ ଯେତେ ପ୍ରକାରେ ଜଣେ ଲେଖକ ତା'ର ପ୍ରତିଭାର ଭିନ୍ନଭିନ୍ନ ପରିଚୟ ଦେଇଥାଉ ନା କାହିଁକି, ଯେଉଁ ଗଳ୍ପରେ ତା'ର ଆତ୍ମାର ଅଭିବ୍ୟକ୍ତି ଦୀପଟିଏ ହୋଇ ପ୍ରଜ୍ୱଳିତ ହୋଇରହିଛି ତାହାକୁ ଶ୍ରେଷ୍ଠତ୍ୱର ମାନ୍ୟତା ନ ମିଳିବ ବା କାହିଁକି ! ସାହିତ୍ୟ ସ୍ରଷ୍ଟାମାନଙ୍କୁ ତାଙ୍କର ଶ୍ରେଷ୍ଠ ସୃଷ୍ଟି ସମ୍ପର୍କରେ ଯେତେବେଳେ ପ୍ରଶ୍ନ କରାଯାଏ, ସେମାନେ ସାଧାରଣତଃ ଗୋଟିଏ ପ୍ରକାରର ଉତ୍ତର ଦେଇଥା'ନ୍ତି । ତାହା ହେଲା ଜଣେ ମାଆ ପାଇଁ ତା'ର ସବୁ ସନ୍ତାନ ଯେମିତି ସମାନ ସେମିତି ଜଣେ ସାହିତ୍ୟ ଶିଳ୍ପୀ ପାଇଁ ସମସ୍ତ ସୃଷ୍ଟି ସମାନ ଭାବରେ ଆଦରଣୀୟ । ଏହା ନିଶ୍ଚିତ ଭାବରେ ଏକ ଅକାଟ୍ୟ

ଯୁକ୍ତି; ମାତ୍ର ଯେଉଁ ସନ୍ତାନ ଭିତରେ ଆଦର୍ଶ ପିତାମାତା ତାଙ୍କ ହୃଦୟର ମହନୀୟତା ପ୍ରତିବିମ୍ବିତ ହେବା ଉପଲବ୍ଧ କରନ୍ତି ସେମାନଙ୍କୁ ନିଜ ହୃଦୟ ଭିତରେ କ'ଣ ଶ୍ରେଷ୍ଠ ଆସନରେ ଆସୀନ କରାଇ ନ ଥା'ନ୍ତି କି ? ସବୁ ସନ୍ତାନଙ୍କ ପ୍ରତି ସମାନ ସ୍ନେହ ରହିବା ସ୍ୱାଭାବିକ। କିନ୍ତୁ ଯେଉଁ ସନ୍ତାନଟି ଦେଶ ପାଇଁ ପ୍ରାଣବଳି ଦେଇପାରେ ତାହାକୁ ଶ୍ରେଷ୍ଠ ସନ୍ତାନ ବୋଲି ସ୍ୱୀକାର କରିବାରେ କେଉଁ ପିତାମାତା ବା ଗୌରବ ଅନୁଭବ ନକରନ୍ତି ! ଏ ଦୃଷ୍ଟିରୁ ବିଚାର କଲେ ମନୋଜ ଏ ପ୍ରଶ୍ନର କ'ଣ ଉତ୍ତର ଦେବେ ଯଦିଓ ଆମେ ଜାଣୁନା, କିନ୍ତୁ 'ଲକ୍ଷ୍ମୀର ଅଭିସାର' ଗଳ୍ପଟିରେ ତାଙ୍କର ଦିବ୍ୟ ଚେତନାର ପ୍ରତିଫଳନ ଯେ ପ୍ରଭାବଶାଳୀ ଏକଥାକୁ ସେ ହୁଏତ ଆଦୌ ଅସ୍ୱୀକାର କରିପାରିବେ ନାହିଁ। ଏହି ଦୃଷ୍ଟିରୁ ପାଠକମାନଙ୍କ ନିମିତ୍ତ ମଧ୍ୟ ଏ ଗଳ୍ପ ହେଉଛି ଏକ ମହାନ ପ୍ରେରଣାର ସର୍ବୋତ୍ତମ ପ୍ରତୀକ, ଯାହା ତାଙ୍କ ହୃଦୟକୁ ସବୁଠୁ ଅଧିକ ଆଲୋଡିତ କରିଦେଇଛି। ଯେଉଁ ମହାନ ଲକ୍ଷ୍ୟ ନେଇ ମନୋଜ ସାଧନାମଗ୍ନ ହୋଇ ରହିଛନ୍ତି ତାହାର ଆଭାସ ଏ ଗଳ୍ପଟିରେ ଯେ ସାର୍ଥକ ଭାବରେ ପରିସ୍ଫୁଟିତ ଏଥିରେ କାହାର ବା ସନ୍ଦେହ ରହିଛି ? ପୃଥିବୀର ବିଶିଷ୍ଟ କଥାଶିଳ୍ପୀ ଫ୍ରାଞ୍ଜ କାଫ୍‌କା ଏକଦା କହିଥିଲେ 'ନିଜକୁ ସଂଶୋଧନ କରିବା ଈଶ୍ୱର ଉପାସନା ଠାରୁ ମଧ୍ୟ ମହତ୍ତର।' 'ଲକ୍ଷ୍ମୀର ଅଭିସାର' ଗଳ୍ପଟି ସେହି ମହାନ ଉପାସନାର ସନ୍ଦେଶ ବହନ କରୁନାହିଁ କି ? ଲୋକପ୍ରିୟତା ଦୃଷ୍ଟିରୁ ତ ଏଗଳ୍ପର ପ୍ରଭାବ କେତେ ବ୍ୟାପକ ତାହା ପୂର୍ବରୁ ଆଲୋଚିତ। ଅନେକ ସମୟରେ ଯେଉଁ ଲେଖାଟି ହୋଇଥାଏ ଶ୍ରେଷ୍ଠତମ ତାହା ଲୋକପ୍ରିୟତା ଅର୍ଜନ କରିବାରେ ବେଳେବେଳେ ହୁଏ ଅକ୍ଷମ। ମାତ୍ର ଏ କ୍ଷେତ୍ରରେ ମନୋଜଙ୍କ ଏହି ଯେଉଁ ଗଳ୍ପଟି ବିପୁଳ ଲୋକପ୍ରିୟତା ଅର୍ଜନ କରିଛି ସେହିପରି ଶ୍ରେଷ୍ଠ ଗଳ୍ପର ମହତ୍ତ୍ୱ ମଧ୍ୟ ଲାଭ କରିଛି ନିଶ୍ଚୟ। ବିଭିନ୍ନ ଦୃଷ୍ଟିରୁ ଅନୁଧ୍ୟାନ କଲେ ଏ ଗଳ୍ପର ଶ୍ରେଷ୍ଠତ୍ୱହିଁ ସର୍ବଦା ପ୍ରତିପାଦିତ ହେଉଥାଏ ଅନ୍ତର ମଧ୍ୟରେ।

ଏକଦା ଓଡ଼ିଶାର ଜଣେ ମହାନ ସାହିତ୍ୟ ଶିଳ୍ପୀ ଏ ଅକିଞ୍ଚନ ଲେଖକ ସହିତ ମନୋଜଙ୍କ ଗଳ୍ପ ସମ୍ପର୍କରେ ଆଲୋଚନା କଲାବେଳେ 'ଲକ୍ଷ୍ମୀର ଅଭିସାର' ଗଳ୍ପଟି ବ୍ୟତୀତ ଆଉ ଅନ୍ୟ କୌଣସି ଗଳ୍ପର ସଫଳତା ସ୍ୱୀକାର କରିବାରେ ଥିଲେ ଏକାନ୍ତ କୁଣ୍ଠିତ। ଏହା ଦେଖି ଏହି ଲେଖକର ହୃଦୟ ଭିତରେ ଯେଉଁ ବେଦନା ସଞ୍ଚରିତ ହୋଇଥିଲା ତାହା ବାସ୍ତବିକ୍ ଅବ୍ୟକ୍ତ ହୋଇ ରହିଛି। ତା'ର ବେଦନାର୍ତ୍ତ ଆତ୍ମାର କ୍ରନ୍ଦନକୁ ସେ ନିଜେ ହିଁ ଅନୁଭବ କରୁଥିଲା ସେହି କାଳରେ। ଆଜି ଅନେକ ବର୍ଷ

ବିତିଯିବା ପରେ ଏବଂ ଉପରୋକ୍ତ ମହାନ ସାହିତ୍ୟ ସାଧକଙ୍କ ପରଲୋକ ପ୍ରାପ୍ତି ଅନ୍ତେ ଯେତେବେଳେ ଏ ଲେଖକ ତାଙ୍କ ଉଚ୍ଚାରିତ ଶବ୍ଦ ସ୍ମରଣ କରୁଛି ସେତେବେଳେ ସେ ତଟସ୍ଥ। ସତେ ଯେମିତି ଭିନ୍ନ ଦୃଷ୍ଟିର ଏକ ବିରଳ ଧାରାରେ ଆପ୍ଳୁତ ହେଉଛି ତା'ର ଅନ୍ତର। ଭିନ୍ନ ଦୃଷ୍ଟିନେଇ ସେହି ସାହିତ୍ୟ ସାଧକଙ୍କ କଥା ତର୍ଜମା କରି ସେ ବୁଝି ପାରୁଛି ଯେ ବାସ୍ତବରେ ଲକ୍ଷ୍ମୀ ମନୋଜଙ୍କ ଅନ୍ତରାତ୍ମାରେ ଆସୀନା। ମହାଲକ୍ଷ୍ମୀ, ମହାସରସ୍ୱତୀ ଓ ମହାକାଳୀଙ୍କର ଏକ କରୁଣାମୟୀ ଚରିତ୍ର। ସେ ଆଗମନ କରିଥିଲା ଏ ପୃଥିବୀର ନିଷ୍ଠୁର ମଣିଷମାନଙ୍କୁ ଅନୁତାପର ଅନୁଭବ ପ୍ରଦାନ କରିବା ପାଇଁ। ଏଭଳି ସ୍ୱର୍ଗୀୟ ବାତାବରଣରୁ ଉଦ୍ଭୁତ ଚରିତ୍ରକୁ କେନ୍ଦ୍ରକରି ଯେଉଁ ଗଳ୍ପ ଗତିଶୀଳ ତାହା କ'ଣ ଶ୍ରେଷ୍ଠତ୍ୱର ହୀରକ ଔଜ୍ଜ୍ୱଲ୍ୟ ବିକିରଣ କରୁନାହିଁ? ଏହି ଲେଖକ ସହିତ ଯୁକ୍ତି କରୁଥିବା ସେହି ମହାନ ସାଧକ ଅନ୍ୟ କୌଣସି ଲେଖକଙ୍କୁ ସହଜରେ ସ୍ୱୀକୃତି ଦେଇପାରୁନଥିବାବେଳେ ମନୋଜଙ୍କ ଏହି ଗୋଟିଏ ଗଳ୍ପକୁ ତାଙ୍କ ଶ୍ରେଷ୍ଠ ସୃଷ୍ଟି ବୋଲି ମାନିବା ଦ୍ୱାରା ମନୋଜଙ୍କ ଅସାଧାରଣ କୃତିତ୍ୱକୁ ସ୍ୱୀକାର ଓ ଅଭିନନ୍ଦିତ କରିଛନ୍ତି। ତେଣୁ ଯେତେ ପ୍ରକାରେ ଏ ଗଳ୍ପଟିର ଆଲୋଚନା ପର୍ଯ୍ୟାଲୋଚନା ହେବ ତାହାର ଅମୂଲ୍ୟ ଶାଶ୍ୱତ ଭାବ ସେତିକି ପ୍ରସାରିତ ହେବ। ବିଶ୍ୱକବି ରବୀନ୍ଦ୍ରନାଥ ବହୁଗଳ୍ପ ରଚନା କରିଥିଲେ ମଧ୍ୟ 'କାବୁଲିବାଲା' ଯେ ତାଙ୍କର ଶ୍ରେଷ୍ଠ ଚିନ୍ତନ ଓ ଔଦାର୍ଯ୍ୟର ପରିପ୍ରକାଶ ଏଥିରେ ସନ୍ଦେହ ନାହିଁ। ପୃଥିବୀର ଅନେକ ଲେଖକ ଶହଶହ ଗଳ୍ପ ସୃଷ୍ଟି କରିଥିଲେ ମଧ୍ୟ ଗୋଟିଏ ଗୋଟିଏ ଗଳ୍ପ ରଚନା ସକାଶେ ଯେଉଁ କୀର୍ତ୍ତି ଅର୍ଜନ କରିଛନ୍ତି ତାହା ଏ ପ୍ରସଙ୍ଗରେ ନିଶ୍ଚିତ ଭାବରେ ଏକାନ୍ତ ସ୍ମରଣୀୟ। ଏ ଦୃଷ୍ଟିକୋଣରୁ 'ଲକ୍ଷ୍ମୀର ଅଭିସାର' ଗଳ୍ପଟିର ଆଲୋଚନା ପର୍ଯ୍ୟାଲୋଚନା କରାଗଲେ ମଧ୍ୟ କଷଟି ପଥରରେ ପରୀକ୍ଷିତ ସୁବର୍ଣ୍ଣ ଖଣ୍ଡ ପରି ଏ ଗଳ୍ପ ଉଜ୍ଜ୍ୱଳରୁ ଆହୁରି ଉଜ୍ଜ୍ୱଳତର ହୋଇ ଉଠୁଥିବ ତା'ର ନିଜସ୍ୱ ଅସାମାନ୍ୟ ଦ୍ୟୁତି ନେଇ। ଦିବ୍ୟ ଶକ୍ତି ସଂଜାତକ୍ଷମ - ମନୋଜଙ୍କ ଏହି ସୁପ୍ରଚରିତ ପ୍ରସାରିତ ଓ ଆଦୃତ ଲେଖାଟିକୁ ହିଁ ଯେ ଆମେ ଶ୍ରେଷ୍ଠ ବୋଲି କହିପାରିବା ଓ ଏଥିଯୋଗୁଁ ଗୌରବ ଅନୁଭବ କରିପାରିବା ଏଥିରେ ସନ୍ଦେହ ନାହିଁ।

□●□